# Taking the Community Along

## towards a better tomorrow



S R RUNGTA GROUP

*Cares for the land and its people*

**RUNGTA SONS PVT. LTD.**

**MINING**

**Rungta House, Chaibasa, Jharkhand - 833201**

CO2 REDUCTION

JSL JINDAL STAINLESS

# ENDLESS INNOVATIONS
# SUSTAINABLE POSSIBILITIES



## STAINLESS STEEL ADVANTAGES

- 100% RECYCLABLE
- LOWER LIFE CYCLE COST
- LOWER MAINTENANCE
- LONGER LIFE

## GREEN IS THE FUTURE & IT IS HERE

**THE COMPANY AIMS TO CATAPULT ITS CARBON DIOXIDE REDUCTION FIGURES TO OVER 1 LAKH MT IN FY22-23.**

**AREAS OF SUSTAINABILITY AND DECARBONIZATION INTERVENTIONS ARE SOLAR POWER, WIND POWER, BIO FUELS, GREEN HYDROGEN, ELECTRIC VEHICLES AND ENERGY EFFICIENT EQUIPMENTS**

www.jindalstainless.com

# हिन्दी विभाग

## सुरक्षा स्लोगान

खबर पहुंची घर में जौसे तैसे,
नकाम आई वह जेब के पैसे,
पत्नी बेटी दौड़ी आई
आखों में आंसू की भौछार थी आई।
खून में बहता मैं हैरान था
अगर मेरे साथ इतना कुछ हो गया,
तो मैं खुद को देख कैसे पा रहा था ?
लगता है में सपने में परीशान था।
जब मैं ने अपनी आँखो को जोर से से हिलाया
खुद को बिस्तर पर देख बेटी ने मुझे समझाया,
देख रहे थे एक भयानक सपना
चीख फाड़ रहेथे गला आपना
इनख्वाबों के ख्वाब ने
बहुत कुछ मुझे सिखाया
सडक सुरक्षा जीबन का अर्थ है,
इसके बिना जीना व्यर्थ है।
याद रखें नसीब बचाये एक बार
शुरक्षा बचाये हर बार

**Chayan Das**
Area Manager, M/s Tata Steel Limited.

## खदान सुरक्षा

सुरक्षा का ध्यान रखे, खदानों में जाने,
जीवन की रक्षा करो, खुद को बचाने।
कभी अलसाना मत, संबेदना बर तो,
खदान की गहराईयों से, सुरक्षित लौटो।
काम से पहले उपकरणों को नयिमित परखो,
खतरे को पहचानो, और दूरसे नजर रखो।
मास्क पहनो, और धूलरो को अपने द्वार,
लंबी उम्रजी यो, रखो फेफड़ों को तैयार।
शुरक्षा के नियमों का पालन हमेशा करे,
सुरक्षा से अपनी जीबन में खुशियां भरो।
साबधानी और सुरक्षा, खदान की शान है,
सदैब याद रखो, खुद को बचाने में मान है।
खदान के अंदर, जीबन की राह,
सुरक्षित रहें हम, यहाँ है हमारा चाह।
हेलमेट पहनो, और गरर्दन पर ताला,
खदान की आँखों में चमके सबका प्यारा।
खदानों में सुरक्षा, हमारी जिम्मेदारी,
सबके लिए सुरक्षित, हो यही प्रार्थना हामारी।

**Pabitra Kumar Biswal**
Junior Executive Assistant
Kurmitar Iron ore Mines, M/s OMC Ltd.

## सुरक्षा आह्वान

सुरक्षा नियमों का तुम पालन करना,
खदानों में जरा संभल कर चलना।
माना खदान में कार्य करना है बहुत जरुरी,
मगर कार्य आरंभ करने से पूर्ब,
खुदकी सुरक्षा जांच हैं जरुरी।
हैलमेट और सेफ्टी जुते पहन कर जाना,
अपने आपको छोटी हो या बड़ी,
हर हादसों से बचना।
ऊंची हाइट पर जब भी कोई कार्य करना,
सुरक्षा हार्नेस बेल्ट लगाकर
खुदको सुरक्षित रखना।
खदानों में जरा वाहन तु धीमे चलाना,
हर चिन्हि तबाहन नियमों का तु पालन करना।
खदानों में कार्य करते समय कर्णपट्टिका पहने रखना,
कानों को तीव्र ध्वनि से सदेव बचाएं रखना।
खदानों में फोन पर कभी बातें ना करना,
छह दिशात्मक खतरों से खुद को सुरक्षित रखना।
खदानों में लापर वाही बरतने से दूरी बनाए रखना,
खदान सुरक्षा नियमों का तुम अनुपालन करना।
यह सुरक्षा नियम हर ब्यक्ति को हैं समझाना,
खदान में कार्य करने के बाद
सुरक्षित होकर घरको जाना।
सुरक्षित होकर हर काम करना,
अपने परिवार की खुशियों का तुम ध्यान रखना।
सुरक्षित खदान, सुरक्षित परिवार
इसमे बनेगा हमारा देश खुशहाल।।

**Alok Singh Sardar**
Bamebari Iron & Manganese Mine
M/s Tata Steel Limited

## सुरक्षा स्लोगान

शुरक्षा का महत्व
सुरक्षा से समझौता
न तुम करना भी,
सुरक्षा के दायरे में ही
रहना है सही।।
हेलमेट, जैकेट, सेफ्टी बूट्स से
करलो तुम तगडी यारी,
नसमझना इसे कभी बोझ,
बनालो इसे अपनी जिम्मेदारी।।
करना तुम पालन हमेशा
सुरक्षा-नियमोंका, कियुकी
तेरे सुरक्षित जीबन का।।
अपनी सुरक्षा का खुद ही
रखना तुम ध्यान,
कियुकी तुझमे बसती है
तेरे परिवार की जान।।

**Suman Munda**
Kurmitar Mines, M/s OMC

## सुरक्षा आह्वान

सुरक्षा है जरुरी,
हर जगह, हर समय।
घर, स्कुल, ऑफिस, सड़क, माइंस
सुरक्षित रहो, हर कदम।
सुरक्षा के नियमों का पालन करो,
सावधानी बरतो, हर काम में।
जोखिम न उठाओ,
अपनी जान को खतरे में मत डालो।
सुरक्षा ही जीबन है, इसलिए सुरक्षित रहो।

**Soumya Ranjan Das**
Thakurani Iron Ore, (AM/NS,India)

## सुरक्षा संकल्प

सुरक्षा ही है हमारी पहचान,
हर कदम पर हो, सुरक्षा का ज्ञान।।
सुरक्षा से जुड़ा हर कदम हो साबधान,
संबेदनशीलता के साथ, सुरक्षा को करे सन्मान।।
सुरक्षा का संदेशा फैलाएं, हर दिन सुरक्षा को बढ़ावा दें।
दुर्घटना से बचाव है हमारा मंत्र,
सुरक्षा ही है हमारा नई शुरुआत का बंद्धन।।
हर काम में सुरक्षा का ध्यान रखें, हर समय सुस्तः सुरक्षित रहें।
सुरक्षा को महत्व दें, जीबन को खुशहाल बनाएं।।
प्रकृति को नुकसान नहीं पहुंचाओ,
खनन में सुरक्षा, संरक्षण हो जीनेका सहारा।
समुद्रों से ज्यादा मुल्यवान है सुरक्षा का खजाना,
विकास करे सुरक्षित तब होगा सुस्ती का आनंद।।
खनन में सुरक्षा सबसे महत्वपूर्ण,
शून्य हादसों का हो यही हमारा उद्येश्य।
कठिनाई यों से भरा यह काम,
सुरक्षित से भरपुर हो हमारा अभियान।।
सुरक्षा सबसे पहले, यही हमारा नारा,
हर काम में जगह बनाए, सुरक्षा का आदाना।
जीबन की कठिनाई यों में, हो सुरक्षित हमेशा,
सुरक्षा है वो मंत्र, जो करता है हर काम को सरल।।
सुरक्षा का है वचन, सबसे पहले यही है निर्णय,
हर काम में सुरक्षितता, बनाए रखना हमारी प्रथमिकता।
सुरक्षाका प्रतिज्ञा है हमारा संकल्प,
हर दिन, हर पल, बनाएंगे सुरक्षितता का गुलजार।।

**Raghunath Sahoo**
Ostapal Chromite Mine, M/s Vedanta FACOR Ltd.

## सुरक्षा स्लोगान

सुरक्षा कर्तब्य है हमारा,
सुरक्षित हो हर कार्य हामारा,
इस से सुरक्षित होगा परिवार सारा,
हर कार्य को पहले जानो,
सुरक्षा के हर मापदंड को पहचानो,
बिना जाने ना करो कोई काम,
इस में अपने कारखाने में
हो सकता है नुकसान,
अपने कार्य को
हरदम करो समीक्षा,
सुरक्षा से कार्य करने पर
प्रवल होगी इच्छा,
हमे लेना होगा संकल्प,
सेफ्टी का कोई नही है
दुसरा कोई विकल्प,
सुरक्षित हो कर
सारे कार्य कर्तब्य हमारा,
प्रोदंकरन के साथ,
सेप्टी के हर नियम का
पालना कर्तब्य है हमारा।

**Kaustav Guha, Area Manager**
Khondbond Iron & Manganese Mine
M/s Tata Steel Limitrd.

********

ADITYA BIRLA
UTKAL ALUMINA

## Our Vision

*"To be a premium global conglomerate with a clear focus on each of the businesses"*



# BAPHLIMALI BAUXITE MINE

## M/s Utkal Alumina International Limited

## Our Mission

*"To deliver superior value to our customers, shareholders, employees and society at large"*



## *Our Aim*
## *Safe & Sustainable Mining*

Integrity | Commitment | Passion | Seamlessness | Speed

*With best compliments from*

# M/s M G MOHANTY
















## OUR GOAL - ZERO HARM

Corporate Office :
5A,Forest Park,
Bhubaneswar - 751009,Odisha,India
Phone : +916742596400/410
Fax : +916742596390
Email : mgmohnatyco@gmail.com

Health
MGM
Safety
Environment

Mines Administrative
Branch Office :
At/Po. : Barbil-758035, Odisha,India
Phone : +916767275318,276319
Fax : +916767275770
Email : mgmohantybo@gmail.com

# ଓଡ଼ିଆ ବିଭାଗ

# ସ୍ୱାସ୍ଥ୍ୟ ସୁରକ୍ଷା

ଶ୍ରୀ ଦିଲ୍ଲୀପ୍ କୁମାର ନାୟକ
ବାଦାମ ପାହାଡ ଲୌହଖଣି
(ଏମ୍.ଏସ୍. ଜି.ଏମ. ଆଇରନ୍ ଏଣ୍ଡ ଷ୍ଟିଲ୍ କୋ:ଲିଃ)

ସ୍ୱାସ୍ଥ୍ୟ ଆମଏକ ଅମୂଲ୍ୟ ସମ୍ପଦ
ରଖିବା ସୁରକ୍ଷା ଦେଇ,
ସବଳ ସ୍ୱାସ୍ଥ୍ୟଟି ଆମପାଇଁ ଲୋଡା
ଜିଇଁଥିବାଯାଏ ରହି ।।୧।।

ସୁଷମ ଖାଦ୍ୟକୁ ପ୍ରାଧାନ୍ୟଟି ଦେବା
ଶରୀର ପୋଷଣ ପାଇଁ,
ସ୍ୱାସ୍ଥ ଏକସିନା ଅମୂଲ୍ୟ ସମ୍ପଦ
ହୁଡିଲେ ପାଇବା ନାହିଁ ।।୨।।

ମଦ, ଧୂମ୍ରପାନ, ତମାଖୁ ସେବନ
ନନେବା ତାକୁରେ ଭାଇ,
ନ' ମାନି ଚଳିଲେ ଯମର ଭେଟତ
ସ୍ୱାସ୍ଥ୍ୟକୁ ଦେବା ହରାଇ ।।୩।।

କଳକାରଖାନା ଖଣିଖାଦନକୁ
ରଖିବା ସ୍ୱଚ୍ଛତା ଦେଇ,
ସେବଳେ ଏହାକୁ ସାଇତି ରଖିଲେ
ରହିବା ନିରେଗ ହୋଇ ।।୪।।

ଧରଣୀ ରାଣୀକୁ ସବୁଜିମା ସାଜି
ରଖିବା ଯତନେ ଭାଇ,
ସୁସ୍ଥ ଜଳବାୟୁ ପାଇବା ସେଥିରୁ
ରହିବା ଦୀଘାୟୁ ହୋଇ ।।୫।।

ସୁସ୍ଥ ଶରୀରଟି ଗଢିବାକୁ ହେଲେ
ଯୋଗାଭ୍ୟାସ ଆମ ଲୋଡା,
ପ୍ରଫୁଲ୍ଲ ରହିବ ମନଟି ଆମର
କାର୍ଯ୍ୟ ଦିବସରେ ଭରା ।।୬।।

ଯେ ଯାହା କାର୍ଯ୍ୟରେ ନିୟୋଜିତ ଥିଲେ
ସୁରକ୍ଷାକୁ ଧ୍ୟାନ ଦେବା,
ସୁରକ୍ଷା ବଳୟେ ରହିଲେ ଆମକୁ
ସୁସ୍ଥ ହୋଇରହିଥିବା ।।୭।।

ଏହି ଉପଦେଶ ମାନିକି ଚଳିବା
ଜାଗ୍ରତ ହୋଇବା ରହି,
ଡାକ୍ତର ବଇଦ ପାସେ ମାଡିବେନି
ସୁସ୍ଥ ଥିବା ଯେବେ ରହି ।।୮।।

***

ଧନଦଉଲତ ଅଢେଇ ଦିନ
ସ୍ୱାସ୍ଥ୍ୟ ସୁରକ୍ଷାକୁ ଦେବାଟି ଧ୍ୟାନ ।
ଗାଁ ପରିମଳ ସଫାରଖିବା
ସ୍ୱାସ୍ଥ୍ୟପ୍ରତି ଆମେ ଯତନନେବା ।
ମହାମୂଲ୍ୟ ଅଟେ ଆମ ଜୀବନ
ରଖିବା ଏହାକୁ କରି ଯତନ ।
ଅନ୍ଧ ବିଶ୍ୱାସରେ ନଦେବା ମନ
ଡାକ୍ତରଙ୍କ କଥା ମାନିବା ଜାଣ ।
ସ୍ୱାସ୍ଥ୍ୟକୁ କରିଲେ ଅତି ଯତନ
ବଞ୍ଚିବାକୁ ହେବ ଅନେକ ଦିନ ।
ହାତକୁ ହାତ ମିଳାଇ ଦେବା
ସୁସ୍ଥ ପରିବେଶ ଗଢି ତୋଳିବା ।
ମଦ ମହୁଲଠୁ ଦୂରେଇ ଯିବା
ହସର ସଂସାର ଗଢିତୋଳିବା ।
କଳକାରଖାନା ଧୂଳି ଧୂଆଁକୁ
ପ୍ରଦୂଷଣ ମୁକ୍ତ କରିବା ତାକୁ ।
ଘରେ ଘରେ ବୃକ୍ଷ ଲଗାଇ ଦେବା
ସୁସ୍ଥ ଅମ୍ଳଜାନ ତେବେ ପାଇବା ।
ଇିଦେଶୀ ଖାଦ୍ୟକୁ ହଟାଇ ଦେବା
ସ୍ୱ-ଦେଶୀ ଖାଦ୍ୟକୁ ପ୍ରାଧାନ୍ୟ ଦେବା ।

***

# ସ୍ୱାସ୍ଥ୍ୟ ସୁରକ୍ଷା କବିତା

**Sarbeswar Parida**
Kurmitar Iron Ore Mines, M/s OMC Ltd.

## 1. Safety Jacket (ସୁରକ୍ଷା ପୋଷାକ)

ସୁରକ୍ଷା ପୋଷାକ'ର ମହତ୍ତ୍ୱ ଶୁଣ ରେ ଭାଇ
ଆମ ଜୀବନ ପାଇଁ କେତେ ମୂଲ୍ୟବାନ ଅଟଇ
ସୁରକ୍ଷା ପୋଷାକ'ର ଉପକାରିତା ଥରେ ଶୁଣିଲେ
ଦେହରୁ କେବେ ଏହାକୁ ନ ଉତାରିବୁ ଭଲେ
ସୁଣିଲେ ଏହାର ରହିଛି ଯେଉଁ ସବୁ ଗୁଣ
ନିଜେ କହିବୁ ତୁ ଏହା ଅଟେ ମୋପାଇଁ ରାମବାଣ ।
ଅନ୍ଧାର ରାସ୍ତାରେ ଯେବେ ତୁ ଥିବୁ
ସୁରକ୍ଷା ପୋଷାକ ଦେହେ ଧାରିବୁ
ସୁରକ୍ଷା ପୋଷାକ ଦେହେ ତୋ ଥିଲେ
ଦୁର୍ଘଟଣା ଯମ ପାଖ ନମାଡଇ ଭଲେ ।
ସୁରକ୍ଷା ପୋଷାକ ହେବ ତୋରକ୍ଷା କବଚ
ଦୂରୁ ଯାନବାହାନ ହୋଇଯିବେ ସତର୍କ
କେବେ ନମାଡିବେ ତୋହରି ପାଶ ।
କର୍ମ କ୍ଷେତ୍ରକୁ ଯେବେତୁ ଯିବୁ
ସୁରକ୍ଷା ପୋଷାକ ପ୍ରଥମେ ଦେହେ ଧାରୀବୁ
ସୁରକ୍ଷା ପୋଷାକ କଲେ ଧାରଣ
ପାଶ ନମାଡିବ ଦୁର୍ଘଟଣା ରାବଣ ।

***

## 2. Safety Hand Gloves (ସୁରକ୍ଷା ହାତ କବଚ)

କେବଳ ହାତ ସୁରକ୍ଷା ପାଇଁ ନୁହେଁ
ବରଂ ସମଗ୍ର ପରିବାରର ସୁରକ୍ଷା ପାଇଁ
ସୁରକ୍ଷା ହାତ କବଚ (ହ୍ୟାଣ୍ଡଗ୍ଲୋଭ) ଆବଶ୍ୟକ ।
ହାତ ଦେଇଥାଏ ପେଟକୁ ଭାତ,
ହାତ ସୁରକ୍ଷାକୁ ଅବହେଳା ନକରିବୁ ତାତ ।
ହାତଥିବା ଲୋକ କାର୍ଯ୍ୟକୁ ଲୋଡା,
ହାତ କଟିଗଲେ ହେବୁତୁ ସର୍ବହରା ।
ହାତଟି କେବଳ ନୁହେଁ ତୋହରି,
ସମଗ୍ର ପରିବାର ଭାର ଉଠାଇଥାଇ ।
ଭାରି ବସ୍ତୁ ଯେବେ ଉଠାଇବୁ ତୁହି,
ସୁରକ୍ଷା ହାତ କବଚ ଧାରଣ କରିଥିବୁ ଭାଇ ।
ଭାରି ବସ୍ତୁ ଯଦି ହାତେ ପଡିବ,
ଖତ ବିକ୍ଷତରୁ ହାତକୁ ତ୍ରାହି ମିଳିବ ।
ବୈଦ୍ୟୁତିକ କାର୍ଯ୍ୟ କରିବା ବେଳେ,
ଖାଲିହାତେ ଅଗ୍ରସର ନହେବୁ ଭଲେ ।
ହାତକୁ କବଚ ତୁ ଆଗନାଇଁବୁ,
ତା'ପରେ ଯାଇ କାର୍ଯ୍ୟାରମ୍ଭ କରିବୁ ।
ହାତ କବଚକୁ କଲେ ଧାରଣ,
ବିଦ୍ୟୁତ ଝଟକାରୁ ଯିବୁ ବର୍ତିଣ ।
ଗ୍ୟାସ୍ କଟରରେ ଯେବେ ବସ୍ତୁ କାଟିବାକୁ ଯିବୁ,
ହାତେ ତୋର ହାତ କବଚ ଧାରଣ କରିବୁ,
ତେବେ ହାତ କଟିବା ଭୟକୁ ଏଡାଇ ପାରିବୁ ।
କାର୍ଯ୍ୟକ୍ଷେତ୍ରେ ସଦା ଧାରଣ କରିବୁ,
ହାତ ସୁରକ୍ଷା କବଚ,
ସୁରକ୍ଷିତ ସଦା ଥିବୁ ମଥା କରିଉଚ୍ଚ ।
ହାତ ଆମପାଇଁ ଶତ ସିଂହର ବଳ,
ନିଜେ ସୁରକ୍ଷିତ ରହି ବନ୍ଧୁ ସହୋଦରଙ୍କୁ
ସୁରକ୍ଷା ସତର୍କ କଲେ ମିଳିବ ଉପଯୁକ୍ତ ଫଳ ।
ସୁରକ୍ଷା ହ୍ୟାଣ୍ଡ ଗ୍ଲୋଭସ୍ ଆବଶ୍ୟକ,
କିନ୍ତୁ ଧାର୍ମିକ ସରଂକ୍ଷଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ।

## 3. Safety Shoe (ସୁରକ୍ଷା ଜୋତା)

ସୁରକ୍ଷା ଜୋତା ଆବଶ୍ୟକ
କିନ୍ତୁ ଦୃଢ଼ ଏବଂ ନିରାପଦ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ।
ପାଦରେ ସୁରକ୍ଷା ଜୋତା
ହାତେଥିଲେ ସୁରକ୍ଷା କବଚ
ମାଡି ଚାଲିଯିବୁ ତୁହି କଣ୍ଟକ ପଥ ।
ଭାରିବସ୍ତୁ ଯଦି ତୋର ପାଦରେ ପଡିବ,
ସୁରକ୍ଷା ଜୋତା ପିନ୍ଧିଥିଲେ ବିପଦ ଟଳିବ ।
ଝୁଣ୍ଟିପଡିଲେବି ପାଦ ତୋର କ୍ଷତାକ୍ତ ନହେବ,
ସଦା ଯଦି ପାଦେ ତୋର ସୁରକ୍ଷା ଜୋତା ଥିବ ।
ବିଦ୍ୟୁତାର ସଂସ୍ପର୍ଶରେ ଆସିଲେ ତୁହି
ସୁରକ୍ଷା ଜୋତା ଯଦି ପାଦେ ଥାଇ
ଯମ କେବେତୋ ପାଖ ମାଡିବନି ଭାଇ ।
ହାତେ, ହାତ ସୁରକ୍ଷା କବଚ
ଥିଲେ ପାଦ ଜୋତା
ତେବେ ତୁ ହୋଇବୁ ଜଗତ ଜିତା ।

## 4. Safety Mask (ନାକ ସୁରକ୍ଷା ଉପକରଣ)

କେବଳ ନାସା (ନାକ)ର ସୁରକ୍ଷା ପାଇଁ ନୁହେଁ,
ବରଂ ସମ୍ପୂର୍ଣ୍ଣ ଶରୀର ପାଇଁ ସେଫ୍ଟି ମାସ୍କ ଆବଶ୍ୟକ ।
ନାସା ସୁରକ୍ଷା ଉପକରଣ,
ଆମ ସମ୍ପୂର୍ଣ୍ଣ ଶରୀରକୁ ସୁସ୍ଥ ରଖିଥାଏ ଜାଣ ।
ବାହାର ପ୍ରଦୂଷିତ ବାୟୁ, ଧୂଳିକଣାରେ ରହିଥାଏ ଅନେକ ଜୀବାଣୁ,
ଆମ ନାସାଦେଇ ଶରୀରକୁ ଯାଇ
ବିଭିନ୍ନ ରୋଗ ସଂକ୍ରମିତ କରିଥାଏ ତେଣୁ ।
ଧୂଳିକଣାରେ ଯେ ଅନେକ ଜୀବାଣୁ ଲୁଚିକରିଥାଏ,
ଖାଲି ଆଖିରେ ଯାହା ଆମକୁ ଦେଖାଦେଇନଥାଏ ।
ଆମ ଅଜାଣତେ ତାହା ଶରୀରକୁ ଯାଏ ,
କାଶ, କଫ, ହୃଦରୋଗ ଆଦି ମାରାତ୍ମକ ରୋଗ ଜନ୍ମାଏ ।
ଖଣି, କାରଖାନାରେ ମାତ୍ରାଧିକ ପ୍ରଦୂଷିତ ଧୂଳିକଣା ଉଡେ,
ଏଣୁ ସଦା ନାସା ସୁରକ୍ଷା ଉପକରଣ ପିନ୍ଧିବାକୁ ପଡେ ।
ଦାଦା, ବନ୍ଧୁ, ଭାଇ ମୋର ସଦା ମନେ ରଖିଥିବ,
ନାସା ସୁରକ୍ଷା ଉପକରଣ ଧାରଣ କଲେ
ମାରାତ୍ମକ ରୋଗ ଦାଉରୁ ବଞ୍ଚିବ ।

## 5. Safety Goggles (ସୁରକ୍ଷା ଆଖି ଉପକରଣ)

କେବଳ ଆଖି ଦର୍ଶନ ପାଇଁ ନୁହେଁ,
ବରଂ ଅଭ୍ୟନ୍ତରୀଣ ଦର୍ଶନ ପାଇଁ ଗଗଲ୍ସ ଆବଶ୍ୟକ ।
ଆଖି ମନୁଷ୍ୟର ମୂଲ୍ୟବାନ ସମ୍ପଦ,
ଆଖିର ଜ୍ୟୋତି ଚାଲିଗଲେ ମଣିଷ ପାଲଟିଯାଏ ଥୁଣ୍ଟା ବରଗଛ ।
ଥୁଣ୍ଟା ବରଗଛ ଉପରେ କାଉ, କୋଇଲିଟିଏ ବି ଆଶ୍ରା କରି ନଥାଏ,
ଭାରାକ୍ରାନ୍ତ ପଥିକଟି ମଧ୍ୟ ବାଟକାଟି ଯାଲିଯାଏ ।
ଆଖିକୁ କେବେ ଅବହେଳା ନକର ଭାଇ,
ନେଡିଗୁଡ କହୁଣୀକୁ ଯାଲିଗଲେ ଯେତେ
ଜିଭ ଲମ୍ବାଇଲେ ଆଉ ପାଇବ ନାହିଁ ।
ଝଳାଇ କାର୍ଯ୍ୟବେଳେ ଆଖି ସୁରକ୍ଷା ଉପକରଣ.
ଯତ୍ନ ସହକାରେ କର ଧାରଣ ।
ରହିବ ଖ୍ୟାତି ଲିଭିବନି କେବେ ଆଖିର ଜ୍ୟୋତି,
ଯେବେ ପିନ୍ଧୁଥିବୁ ସୁରକ୍ଷା ଉପକରଣ ନୀତି ।
ବିଷାକ୍ତ ଧୂଳି ଉଡୁଥିବା ଜାଗାରେ ଭାଇ
ଆଖି ସୁରକ୍ଷା ଉପକରଣକୁ ପିନ୍ଧିବା ଭୁଲିବୁ ନାହିଁ ।
ଆଖିରେ ପଡିଲେ ବିଷାକ୍ତ ଧୂଳି
ଅନ୍ଧ ପାଲଟିଯିବୁ ଅଳ୍ପ ଦିନେତୁ ଭାଇ
ସୁରକ୍ଷା ଗଗଲ୍ସ ଆବଶ୍ୟକ
କିନ୍ତୁ ଚେତନା ଦର୍ଶନ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

## 6. Safety Helmet (ମସ୍ତିଷ୍କ ସୁରକ୍ଷା ଉପକରଣ)

ହେଲମେଟ କେବଳ ମୁଣ୍ଡ ପାଇଁ
ନୁହେଁ ମସ୍ତିକ ପାଇଁ ଆବଶ୍ୟକ ।
ସୁରକ୍ଷା ହେଲମେଟ ଆବଶ୍ୟକ
କିନ୍ତୁ ସକରାତ୍ମକ ଚିନ୍ତାଧାରା ଗୁରୁତ୍ୱ ପୂର୍ଣ୍ଣ ।
ଥଣ୍ଡା ଏବଂ ସୂର୍ଯ୍ୟଙ୍କଠାରୁ ରକ୍ଷା କରିଥାଏ ହେଲମେଟ
ଯାନ-ବାହାନ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ।
ବନ୍ଧୁ ମାନଙ୍କ ଆଶୀର୍ବାଦ ଏବଂ ପ୍ରିୟଜନଙ୍କ ସମର୍ଥନ
ହେଲମେଟ ସମ୍ପର୍କରେ ଭୂମିକା ଗ୍ରହଣ କରିଥାଏ ସମାନ ।
ଭ୍ରମଣ ଦୁର୍ଘଟଣାରେ ହେଲମେଟ ଜୀବନ ବଞ୍ଚାଇଥାଏ
ବେଳେବେଳେ ଏହା ପୁଣି ଭଗବାନ ପରି ଦେଖାଯାଏ ।
ମୁଣ୍ଡରେ ମୁକୁଟ ପରି ମୋର ଥାଉ ହେଲମେଟ
ମୁଣ୍ଡେଥିଲେ ରଜା ପରି ହେବି ଉପଯୁକ୍ତ ।
ଏହାର ଅଛୁରି ଅନେକ ବୈଶିଷ୍ଟ୍ୟ ଯେ ଅଛି
ଯିଏ ସଦା ହେଲମେଟ ପିନ୍ଧିଥାନ୍ତି ସେମାନେ ଜାଣନ୍ତି ।
ହେଲମେଟକୁ ତୁମର ଅଭିଭାବକ
ଭାବେ ଗ୍ରହଣ କର ଭାଇ
କାହାଣୀ ହିଁ ନିଜେ ହେଲମେଟ କହୁଥାଏ ଭାଇ ।
ହେଲମେଟକୁ ଯେବେତୁ ମୁଣ୍ଡରେ ଧାରଣ କରିବୁ
ଆଖି, ନାଶା, କର୍ଣ୍ଣ, ପାଟି ଏବଂ ମୁଣ୍ଡ
ଏହି ପଞ୍ଚଇନ୍ଦ୍ରୀୟଙ୍କୁ ସର୍ବଦା ସୁରକ୍ଷିତ ରଖିପାରିବୁ ।
ହାତ କିମ୍ବା ଗୋଡ କଟିଗଲେ ବର୍ତ୍ତିଯିବୁ ତୁହି
ମୁଣ୍ଡେ ଆଘାତ ଲାଗିଲେ ଜୀବନ ଦୀପ ତୋ କ୍ଷଣିକେ ଲିଭଇ ।
ଯଦି ମୁଣ୍ଡେ କିଛି ଭାରିବସ୍ତୁ ପଡିଗଲା ଜାଣ
ହେଲମେଟ ପିନ୍ଧିଥିଲେ ମୁଣ୍ଡ କ୍ଷତାକ୍ତ ହେବାରୁ ବର୍ତ୍ତି ଯିବୁ ଧନ ।
ଯିଏ ହେଲମେଟ ସଙ୍ଗେ ବନ୍ଧିତା ଭାଙ୍ଗିବେ
ସେମାନେ ଏ ଦୁନିଆଁ ଛାଡିବା ପାଇଁ ଆଗୁଆ ପ୍ରସ୍ତୁତ ରହିବେ ।
ନିଜର ପ୍ରିୟ ଲୋକ ଙ୍କ ପାଇଁ ହେଲମେଟ ପିନ୍ଧନ୍ତୁ
ଆପଣାର ପରିବାର ସ୍ୱପ୍ନ ପଜାୟ ରଖନ୍ତୁ ।
ଯେଉଁ ମସ୍ତିସ୍କ ବ୍ୟବହାର କରି ଭାଇ
ତୁହି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁ
ତାହାର ସୁରକ୍ଷା ପାଇଁ ସଦା ହେଲମେଟ
ପିନ୍ଧିବା କେବେ ଭୁଲିନଯାଉ ।
ହେଲମେଟ ଏବଂ ପତ୍ନୀଙ୍କର ସମାନ ପ୍ରକୃତି
ଏ ଦୁହିଁଙ୍କୁ ଯଦି ମୁଣ୍ଡେ ରଖିଥିବୁ ତୁହି
ଜୀବନ ତୋହରି ସଦା ବଞ୍ଚିଯିବ ଭାଇ ।
ଯାନ-ବାହାନ ଚଳାଇବାବେଳେ ସର୍ବଦା ସିଟ୍‌ବେଲ୍ଟ ପିନ୍ଧନ୍ତୁ,
ଖଣି ଖାଦନ ରେ କାର୍ଯ୍ୟ କଲାବେଳେ
ସର୍ବଦା ସେଫ୍ଟି ହେଲମେଟ ପିନ୍ଧନ୍ତୁ ।
କାର୍ଯ୍ୟ କରିସାରିବା ପରେ
କାର୍ଯ୍ୟ କରୁଥିବା ସମୟରେ
ନିଜର ସୁରକ୍ଷା ନିଜ ହସ୍ତରେ ।
ତୁମର ନିରାପତ୍ତା ପ୍ରତି ଯତ୍ନ ନିଅ
ହେଲମେଟ ବିନା ଯାନ-ବାହାନରେ
ବସ ନାହିଁ ମୋର ପ୍ରିୟ ।
ଖଣି ଖାଦାନରେ ଗାଡି ଚଳାଇବା ବେଳେ
ନିଜର ଗତି ଉପରେ ନଜର ରଖିଥା ବାବୁ
ବେଗ ୨୦ରୁ ଅଧିକ ହେବାକୁ ଦିଅନାହିଁ କେବେ
କାହାରିକୁ କ୍ଷତି ପହଞ୍ଚିବାକୁ ଦିଅ ନାହିଁ ମୋର ବନ୍ଧୁ ।
ଯେତେବେଳେ ତୁମ ଧୈର୍ଯ୍ୟ ଏବଂ
ଅନୁଶାସନ ସହିତ କାର୍ଯ୍ୟ କରିବାକୁ ଶିଖିବ,
ସେଦିନ ମୋର ବନ୍ଧୁ ଗୃହକୁ
ନିରାପଦରେ ପ୍ରତ୍ୟାଗମନ କରିପାରିବ ।
ଯନ୍ତ୍ରର ସହ କାମ କର ଭାଇ
ତୁମକୁ ନିରାପଦରେ ଘରକୁ ଯିବାରଅଛି,
ମା' ତେଣେ ଘରେ ଅପେକ୍ଷା କରିଛି
ଭଉଣୀ ରୋସେଇ ସାରି ବସିଛି,
ଭାରିଯା ତୁମ ଫେରିବା ବାଟକୁ ଚାହିଁ ବସିଛି
ପିଲାଛୁଆ ତୁମ ସଙ୍ଗେ ମିଶିକି
ଖାଇବାକୁ ଅପେକ୍ଷାରେ ଚାହିଁ ରହିଛନ୍ତି ।
ତାଙ୍କୁ ତ ନିଜ ମୁହଁ ଦେଖାଇବାର ଅଛି
ତୁମକୁ ସୁରକ୍ଷିତ ରହିବାର ଅଛି
ନିଜପାଇଁ ନୁହେଁ ବରଂ ସେମାନଙ୍କ ପାଇଁ ।
ସୁରକ୍ଷା ନିୟମ ପାଳନ କରିବା
ଆମର ପ୍ରଥମ କର୍ତ୍ତବ୍ୟ
ସମାଜରେ ସମସ୍ତେ ନିରାପଦରେ ରହିବା
ନିଶ୍ଚିତ କରିବା ଆମର ସଂକଳ୍ପ ।।

***

## ସ୍ୱାସ୍ଥ୍ୟ ହିଁ ସମ୍ପଦ

ଶରୀରର ନୀରୋଗ ଅବସ୍ଥାକୁ ହିଁ ସ୍ୱାସ୍ଥ୍ୟ କୁହାଯାଏ । କେବଳ ଦେହର ସ୍ୱାସ୍ଥ୍ୟ ଭଲ ରହିଲେ ଯଥେଷ୍ଟ ନୁହେଁ । ମନ ମଧ୍ୟ ସୁସ୍ଥ ରହିବା ଦରକାର । ପ୍ରତ୍ୟେକ ଲୋକ ଉତ୍ତମ ସ୍ୱାସ୍ଥ୍ୟ ଦରକାର କରନ୍ତି । କାରଣ ସ୍ୱାସ୍ଥ୍ୟ ନଥିଲେ ଆମେ କୌଣସି କାର୍ଯ୍ୟ କରିପାରିବା ନାହିଁ । ଆମେ ଆମ କର୍ତ୍ତବ୍ୟରେ ସବୁବେଳେ ଅବହେଳା କରିବା । ତେଣୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ ।

ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉତ୍ତମ ସ୍ୱାସ୍ଥ୍ୟ ବିନା ଜୀବନର ମୂଲ୍ୟ କିଛି ନାହିଁ । ତେଣୁ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ନିତାନ୍ତ ଆବଶ୍ୟକ ।

***

କନକଲତା ଏକ୍କା
କୁରମିତାର ଲୌହ ଖଣି, ଓଏମ୍‌ସି

## ସୁରକ୍ଷା ର ମହାନତା

କେମିତି ବର୍ଣ୍ଣିବିକି ପରିବର୍ଣ୍ଣିବି ସୁରକ୍ଷାର ମହାନତା;
ଯାହାର ପାଳନେ ବଂଚେ ଧନଜନ ଇଞ୍ଚଇ ଧରିତ୍ରୀ ମାତା ॥

ସୁରକ୍ଷା ଶିକ୍ଷା, ଅଟଇ ଅମୂଲ୍ୟ ଦିକ୍ଷା
ଆପଣାଇ ଭାଇ, ବଢାଓ ସ୍ୱଜୀବନ ରେଖା
ବିପଦ ସମୟେ ନ ବଞ୍ଚାଏ କେହି ତ୍ରାହିକରେ ଏହି ସୁରକ୍ଷା ॥

ସୁରକ୍ଷା ସାମଗ୍ରୀ ପ୍ରତିଟି ଅଙ୍ଗରେ କରୁଥିଲେ ବ୍ୟବହାର;
ସୁରକ୍ଷା ନିୟମେ କରୁଥିଲେ କର୍ମ ଦୁର୍ଘଟଣା ହୁଏ ଦୂର ॥

ଗାଡିର ଚାଳନା ଅବା ଖାଦାନ ନ ହେଉ ସେ ନିର୍ମାଣ କର୍ମ;
ସୁରକ୍ଷା ସାମଗ୍ରୀ ଅଙ୍ଗେ ଅଙ୍ଗେ ପିନ୍ଧି ମାନିବ ସୁରକ୍ଷା ଧର୍ମ ॥

ଟୋପି ଆଉ ଜୋତା, ଚଷମା, ଦସ୍ତାନା ନାକମୁଖା ଯଦିଥିବ;
ଏ 'ପଞ୍ଚକବଚ' ଜୀବନରକ୍ଷକ ଦେଖି ଯମ ନଆସିବ ॥

ଖଣିର ସୁରକ୍ଷା ନିୟମ ମାନିଲେ ଅକାଳେ ଯାଏନା ପ୍ରାଣ;
ସୁରକ୍ଷାକୁ ଜଗିଥିଲେ ଖାଦାନ ତିଷ୍ଠି ରହେ ଶିଳ୍ପାୟନ ॥

ବ୍ୟକ୍ତିତ୍ୟ ସୁରକ୍ଷା ହୋଇବ ସର୍ବଦା ଏକାନ୍ତ ଶିଷ୍ଟ, ଭଦ୍ରପଣେ;
ନାରୀ ସୁରକ୍ଷିତ ହୋଇବ ସମାଜେ ଶୃଙ୍ଖଳିତ ଆଚରଣେ ॥

ମାଓ ଶିବିରରେ ସୁରକ୍ଷିତ ଧ୍ୱନି କରାଇଲେ ଗୁଂଜରିତ;
ଆତଙ୍କବାଦର ବିଲୋପ ଘଟିବ ଈଶ୍ୱ ହେବ ସୁରକ୍ଷିତ ॥

ସୁରକ୍ଷାର ଧ୍ୱଜା ଉଡିଲେ ସୀମାରେ ଜାତୀୟ ପତାକା ପରି;
ସୁରକ୍ଷାର ବଳ ଲଭିଣ ସୈନିକ ଯୁଝିବ ସେ ସିଂହ ପରି ॥

ଧର୍ମ ଶିକ୍ଷାମାତ୍ର ଦିଏ ବାଇବେଲ ପୁରାଣ, କୋରାନ, ଗୀତା
'ସୁରକ୍ଷା ପୁସ୍ତକ' ବଂଚାଏ ଜୀବନ ଏହି ତା'ର ମହାନତା ॥

ସୁରକ୍ଷା ଦୀକ୍ଷାକୁ ଆପଣେଇ ନେଇ ପାଳରେ ସୁରକ୍ଷା ନୀତି;
ଦୀର୍ଘଜୀବି ହୁଅ ଏ ବିଶ୍ୱ ବଞ୍ଚାଅ ବଞ୍ଚୁ ଏ ମାନବ ଜାତି ॥

***

ରଘୁନାଥ ସାହୁ
ମାଇନିଂ ଇଂଜିନିୟର, ଓସ୍ତପାଳ ମାଇନ୍ସ, ବେଦାନ୍ତ-ଫେକର ଲିମିଟେଡ
ଫୋନ୍-୭୪୩୭୮୮୧୬୦୬

## ଦ୍ୱିପାକ୍ଷୀକ ଏବଂ ତ୍ରୟୀପାକ୍ଷିକ ସୁରକ୍ଷା କମିଟି ର ଉଦ୍ଦେଶ୍ୟ

**Suven Kumar Nath, Bibhukalyan Mohanta, Anuraga Dash**
Guali Iron Ore Mines, M/s OMC Ltd

ଖଣି ପ୍ରବନ୍ଧକ, ଶ୍ରମିକ ସଂଗଠନ ଓ ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କ ଭିତରେ ଖଣିର ବିପଦ ବିଷୟରେ ଖୋଲାଖୋଲି ଚର୍ଚ୍ଚା ହୁଏ, ସେଗୁଡ଼ିକ ହେଲା;

- ❖ ଖଣିରେ ଯଦି କିଛି ଘଟଣା କିମ୍ବା ଦୁର୍ଘଟଣା ଓ ବିପଦ ପଡେ, ସଠିକ ସୁଝାବ ଦେବା ଓ ତାକୁ କାର୍ଯ୍ୟକାରୀ କରିବା
- ❖ ସୁରକ୍ଷାର ମନ ବଢାଇବା ସହିତ ଆନସେଫ ପରିସ୍ଥିତି ଓ ଆନସେଫ ଆକ୍ଟ କୁ କମାଇବା
- ❖ ଖଣି ପରିଦର୍ଶନ କରି ଖଣିର ସୁରକ୍ଷା ବିଷୟରେ ଜାଣିବା
- ❖ କିପରି ସ୍ୱାସ୍ଥ୍ୟ, ସାମାଜିକ ଓ ସୁରକ୍ଷା ବୃଦ୍ଧି ହେବ ସେଥିପାଇଁ ଚର୍ଚ୍ଚା କରିବା
- ❖ ଖଣି ଶିଳ୍ପରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ମୁଖ୍ୟ ଭୂମିକା ନିଭାଇବେ
- ❖ କମିଟି ଓ କୋର୍ଟ ଅଫ ଇନ୍କୁଆରୀ ର ଷ୍ଟେଟସ କାର୍ଯ୍ୟକାରୀ ଉପରେ ଚର୍ଚ୍ଚା କରିବେ
- ❖ ଖଣି ସୁକ୍ଷା ନିର୍ଦ୍ଦେଶକଙ୍କର ଯଦି କିଛି ଭାୟୋଲେଶନ ଅଛି ତାହା ଉପରେ ଚର୍ଚ୍ଚା କରିବେ

## ସଡ଼କ ସୁରକ୍ଷା

ପୃଥିବୀରେ ସବୁବେଳେ ଅଂସଖ୍ୟ ସଡ଼କ ଦୁର୍ଘଟଣା ଘଟୁଛି ଓ ଭାରତରେ ପ୍ରତିଦିନ ଅନେକ ଲୋକ ଦୁର୍ଘଟଣା ରେ ପ୍ରାଣ ହରାଉଛନ୍ତି ଓ ଦୈନିକ ସମ୍ବାଦପତ୍ର ପୃଷ୍ଠାରେ ତଥା ଦୂରଦର୍ଶନ ପରଦାରେ ଆମେ ଦୁର୍ଘଟଣା ର କରୁଣ କାହାଣୀ ଦେଖିବାକୁ ପାଉ । ଏହି ଦୁର୍ଘଟଣା ମଧ୍ୟରୁ କେତେକ ଆକସ୍ମିକ, କେତେକ ପାକୃତିକ ଓ ଅନେକ ମନୁଷ୍ୟ ଅସାବଧନତା କାରଣରୁ ଏହି ସବୁ ସଡ଼କ ଜନିତ ଦୁର୍ଘଟଣା ଗୁଡ଼ିକୁ ସଚେତନତା ମାଧ୍ୟମରେ ସଂଶୋଧନ କରିପାରିବା ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ, ସୁରକ୍ଷା ନିୟମ ପାଳନ କରି ନିଜ ସହିତ ସମାଜକୁ ସୁରକ୍ଷିତ କରିପାରିବା ।

## ଓ୍ୱର୍କମେନ ର ନିରୀକ୍ଷକ

- ❖ ମାଇନ୍ସ ରୁଲ୍ ୧୯୫୫ ର ଧାରା ୭୯ ଅନୁସାରେ ନିଯୁକ୍ତି ଦେବେ
- ❖ ସବୁ କାର୍ଯ୍ୟସ୍ଥଳ ଓ ଯେଉଁ ଗାଡ଼ିରେ ଶ୍ରମିକ କାର୍ଯ୍ୟସ୍ଥଳକୁ ଯିବାଆସିବା କରୁଛନ୍ତି ତାହା ନିରୀକ୍ଷଣ କରିବେ
- ❖ ଖଣିରେ ଯଦି କୌଣସି ଦୁର୍ଘଟଣା କିମ୍ବା ବିପଦ ଆସେ ସେ ତୁରନ୍ତ ଖଣି ପ୍ରବନ୍ଧକ ଙ୍କୁ ଜଣାଇବା ସହିତ ଆଞ୍ଚଳିକ ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇବେ ।
- ❖ ଖଣି ନିରୀକ୍ଷଣ ସମୟରେ ମୁଖ୍ୟ ଓ ଆଞ୍ଚଳିକ ଖଣି ନିର୍ଦ୍ଦେଶକଙ୍କ ସହ ରହିବେ ଏବଂ ଫର୍ମ ୟୁ ରେ ରିପୋର୍ଟ କରି ହସ୍ତାକ୍ଷର କରିବେ ।

***